# ମହାବିଦ୍ୟାଳୟ ପୁରାତନ ଛାତ୍ର ସଂସଦର ନୂତନ କର୍ମକର୍ତ୍ତା

କୁଚିଣ୍ଡା,୨୭।୮ (ନି.ପ୍ର) : କୁଚିଣ୍ଡା ଉପଖଣ୍ଡର ସର୍ବପୁରାତନ କୁଚିଣ୍ଡା ମହାବିଦ୍ୟାଳୟରେ ରବିବାର ପୁରାତନ ଛାତ୍ର ସଂସଦ କର୍ମକର୍ତ୍ତା



ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ସୁଚିତ୍ରା ମିଶ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ କଲେଜ ପରିଚାଳନା କମିଟି ସଭାପତି ହୃଦାନନ୍ଦ ଶର୍ମା ଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟକ୍ଷା ସୁଶ୍ରୀ ମିଶ୍ର ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ଆଲୁମ୍ନିର ସକ୍ରିୟତା ଉପରେ ଗୁରୁତ୍ୱାରୋପ କରିଥିଲେ। ପୂର୍ବତନ ନଗରପାଳ ଅଖିଳ ପ୍ରତାପ ସିଂ, ହରେକୃଷ୍ଣ ମହାପାତ୍ର, ମଳୟ ବେହେରା, ରାଜେଶ ଶର୍ମା, ରାଣାପ୍ରତାପ ସିଂ, ପୂର୍ବତନ ଅଧ୍ୟକ୍ଷ ସୁବାସ ନାଏକ, ସୁରଥ ନାଏକ, ପ୍ରଭାତ ଶର୍ମା, ବରଦା ଶର୍ମା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପରେ ଆଲୁମିନି ସଭାପତି ଭାବେ ପ୍ରଫୁଲ୍ଲ ସାହୁ ନିର୍ବାଚିତ ହୋଇଥିବାବେଳେ ଉପସଭାପତି ପ୍ରଭାତ ବେହେରା, ସାଧାରଣ ସମ୍ପାଦକ ପୂର୍ଣ୍ଣେନ୍ଦୁ ମହାନ୍ତି, ସହସମ୍ପାଦକ ଅତୁଲ ଅଗ୍ରୱାଲ, କୋଷାଧ୍ୟକ୍ଷ ଆନନ୍ଦ ଅଗ୍ରୱାଲ ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଥିଲେ। କାର୍ଯ୍ୟକାରିଣୀ ସଦସ୍ୟ ଭାବେ ସଞ୍ଜୟ ବେହେରା, ରାଣା ପ୍ରତାପ ସିଂ, ସଂଜିତ ଶର୍ମା, ଦିଲୀପ ଗୁପ୍ତା ରହିଛନ୍ତି। ଆଗାମୀ ଦିନରେ କଲେଜରେ ନିୟମିତ ବୈଠକ ଓ କାର୍ଯ୍ୟକ୍ରମ ସକାଶେ ନିଷ୍ପତ୍ତି ନିଆଯାଇଥିଲା। ସଭାରେ ଅଧ୍ୟାପକ ଅମୀୟ ପାତ୍ର, ଅଧ୍ୟାପକ ସୁଧାଂଶୁ ମହାପାତ୍ର, ରମାକାନ୍ତ ମହାକୁଳ, ସୁଗତ ପଟେଲ, ସୀମାନ ଦ୍ୱିବେଦୀ, ଦିଲୀପ ପୁରୋହିତ, ନରେଶ ଗୁପ୍ତା, ଚିତ୍ତରଞ୍ଜନ ଭୋଇଙ୍କ ସମେତ ବହୁ ସଦସ୍ୟ ଯୋଗ ଦେଇଥିଲେ।